# Akashvani, Sambalpur

## SAMBALPURI NEWS EVENING BULLETIN

## 19 October 2024- 7.02 pm- 7.12 pm.

*********************************************

୧- ମୁମ୍ବାଇ ନ ଓଡ଼ିଶା ନ ପୁଞ୍ଜିବିନିଯୋଗ୍ ସୁଯୋଗ୍ ଅଧିବେଶନ୍‌ଥି ଯୋଗ୍ ଦେଲେ୍ ମୁଖ୍ୟମନ୍ତ୍ରୀ ।

- କହେଲେ ଓଡ଼ିଶାର୍ ଯୁଆନ୍‌ମାନ୍‌କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ତାଙ୍କର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ ।

୨- ପର୍ଯ୍ୟଟନ୍‌କେ ଟହଁକାବାର୍ ଲାଗି ୭୫ ଟା ବତୀଘର୍‌କେ ବିକଶିତ୍ କରାଯାଉଛେ- କହେଲେ କେନ୍ଦ୍ରମନ୍ତ୍ରୀ ସୁରେଶ୍ ଗୋପୀ ।

୩- ବାହାର୍‌ଲା ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାଫଲ୍ ।

- କୃତକାର୍ଯ୍ୟ ହେଲେ ୬ ଶହ ୮୩ ଝନ୍ ।

ଆଉର୍

୪- ଆୟୁସ୍ମାନ୍ ଭାରତ୍ ଆଉ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାଥି ରାଏଜର୍ ସାଢ଼େ ୩ କୋଟି ଲୁକ୍‌କୁ ଯୁଗେଇ ଦିଆଯିବା ସ୍ୱାସ୍ଥ୍ୟସେବା ।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍        ପ୍ରେସ୍ ରିଲିଜ୍

ଓଡ଼ିଶାର୍ ଯୁଆନ୍‌ମାନ୍‌କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବାର୍ ତାଙ୍କର୍ ସର୍‌କାର୍‌ଙ୍କର୍ ମୁଖ୍ୟ ଉଦ୍ଦେଶ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ମୁମ୍ବାଇ ନ ଭିନ୍ ଭିନ୍ ଶିଳ୍ପସଂସ୍ଥାର ପ୍ରତିନିଧିମାନ୍‌କୁ ନେଇକରି ହେଇଥିବା 'ଓଡ଼ିଶାନେ ବିନିଯୋଗ୍ ସୁଯୋଗ୍ ଅଧିବେଶନ୍'ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ଓଡ଼ିଶା ନ ଶିଳ୍ପ ପ୍ରତିଷ୍ଠା କର୍‌ବାର୍ ଲାଗି ତାଙ୍କର୍ ସର୍‌କାର୍ ସବୁ ସୁବିଧା ସୁଯୋଗ୍ ଯୁଗେଇ ଦେବେ । ସେନ୍ତା ଶିଳ୍ପସଂସ୍ଥାମାନେ ଭିଲ୍ ଦକ୍ଷ ମାନବସମ୍ବଳ  ପାଏବେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ପୁଞ୍ଜି ଖଟେଇକରି ଶିଳ୍ପପ୍ରତିଷ୍ଠା ଲାଗି  ଆମର୍ ରାଜ୍ୟ ଅନୁକୂଳ ପରିବେଶ୍ ଯୁଗେଇ ଦେବା । ରାଜ୍ୟ ସର୍‌କାର୍ ବ୍ୟବସାୟ ଲାଗି ଶାନ୍ତିପୂର୍ଣ୍ଣ ଆଉ ନିରାପଦ ବାତାବରଣ୍ ସୁନିଶ୍ଚିତ୍ କର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଏବା ବଛର୍ ଜାନୁଆରୀ ୨୮ ଆଉ ୨୯ ତାରିଖ୍ ଦିନ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା- ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍- ୨୦୨୫ ଥି ସାମିଲ୍ ହେବାର୍‌କେ ସବୁ ନିବେଶକମାନ୍‌କୁ ଆମନ୍ତ୍ରଣ୍ କରିଛନ୍ ।

ବତୀଘର ମହୋତ୍ସବ ଆର୍‌ଏନ୍‌ୟୁ/ କଟକ୍

ଦେଶେ ଥିବା ୭୫ ଟା ବତୀଘର୍‌କେ ପର୍ଯ୍ୟଟନ ଦୃଷ୍ଟିକୋଣନୁ ବିକଶିତ୍ କରାଯାଉଛେ ବଲି କେନ୍ଦ୍ର ପର୍ଯ୍ୟଟନ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ୍ ଗୋପୀ କହିଛନ୍ । ଆଏଜ୍ ପୁରୀ ନ ପହେଲାଥର୍ ଲାଗି ହେଇଥିବା ୨ ନମ୍ବର୍ ଜାତୀୟ ବତୀଘର୍ ମହୋତ୍ସବ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ଗୋପୀ କହିଛନ୍ ଯେ, ଦେଶେ ୨ ଶହ ୩ ଟା ବତୀଘର ରହିଛେ । ସେମାନ୍‌କର୍ ଭିତ୍‌ରୁ ୧୩ ଟା ବତୀଘର୍‌ଥି ଲିଫ୍ଟ ବ୍ୟବସ୍ଥା କରାଯିବା । ୨୦୩୨ ଅଲମ୍ପିକ୍ସକେ ନଜର୍‌ଥି ରଖିକରି ପର୍ଯ୍ୟଟନ୍ ସାଙ୍ଗେ ସାମିଲ୍ ଥିବା ସବୁ ଆନୁସଙ୍ଗିକ୍ ବ୍ୟବସ୍ଥା ଆଉ ଭିତିଭୂମିର୍ ବିକାଶ୍ କରାଯାଉଛେ ବଲି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଗୋପୀ କହିଛନ୍ ।

ଉତ୍ସବ୍‌ଥି ପରିବହନ୍ ଆର୍ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର୍ ଆର୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ବତୀଘର୍‌ର ଐତିହାସିକ ପୃଷ୍ଠଭୂମି ଉପ୍‌ରେ ଆଲୋଚନା କରିଥିଲେ । ସୂଚ୍‌ନା ଅନ୍‌ସାରେ ଭାରତ୍ ମାଳା ପ୍ରକଳ୍ପଥି ସାରାଦେଶେ ପର୍ଯ୍ୟଟନ୍‌ର ବିକାଶ୍‌କେ ନଜର୍‌ଥି ରଖିକରି ୭୫ ଟା ବତୀଘର୍ ନ ହୋଟେଲ୍, ରେଷ୍ଟୁରାଂଟ୍, ପାର୍କ ଆଉ ଅଲ୍‌ଗା ସୁବିଧା ସୁଯୋଗ୍ ଲାଗି ବ୍ୟବସ୍ଥା କରାଯାଉଛେ ।

ଇତାର୍‌ସହେତେ ବେଲାଭୂମି ଖେଲ୍‌ର ଭିଲ୍ ବିକାଶ୍ କରାଯାଉଛେ ।

ଓପିଏସ୍‌ସି ଫଲାଫଲ ପ୍ରେସ୍ ରିଲିଜ୍

ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା -୨୦୨୨ ର ଫଲାଫଲ୍ ଆଏଜ୍ ବାହାରିଛେ । ଇଥି ୬ ଶହ ୮୩ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତି ଲାଗି ସୁପାରିଶ୍ କରିଛନ୍ । ଶ୍ୱେତାଶ୍ରୀ ମହାପାତ୍ର ଇ ଚୟନ୍ ତାଲିକାଥି ପ୍ରଥମ୍ ସ୍ଥାନ୍‌ଥି ଅଛନ୍ । ପହେଲା ୧୦ ଝନ୍ ପ୍ରାର୍ଥୀଙ୍କର୍ ଭିତ୍‌ରେ ୫ ଝନ୍ ମହିଲା ପ୍ରାର୍ଥୀନୀ ଅଛନ୍ । ଚୟନ୍ ତାଲିକାଥି ଅଣସଂରକ୍ଷିତ ବର୍ଗଥି ୩ ଶହ ୮୭, ସାମାଜିକ ଆଉ ପଛୁଆବର୍ଗଥି ୭୧, ଅନୁସୂଚିତ ଜାତି ବର୍ଗଥି ୮୯, ଅନୁସୂଚିତ ଜନଜାତି ବର୍ଗଥି ଶହେ ୩୬, ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗଥି ୧୪, କ୍ରୀଡ଼ାବିତ୍ ବର୍ଗଥି ଝନେ ଆଉ ଶାରୀରିକ ଅକ୍ଷମ ବର୍ଗଥି ୨୩ ଝନ୍ ପ୍ରାର୍ଥୀଙ୍କୁ ସୁପାରିଶ୍ କରାଯାଇଛେ । ଚୟନ ତାଲିକାଥି ମୋଟ୍ ୨ ଶହ ୫୮ ଝନ୍ ମହିଲା ପ୍ରାର୍ଥୀନୀଙ୍କୁ ସୁପାରିଶ୍ କରାଯାଇଥିବା ଓପିଏସ୍‌ସି ସୂତ୍ରନୁ ଜନାପଡ଼ିଛେ । ଇତାର୍ ସମ୍ପୂର୍ଣ୍ଣ ତାଲିକା ଓଡ଼ିଶା ଲୋକସେବା ଆୟୋଗ୍‌ର

ୱେବ୍‌ସାଇଟ୍‌ର www.opsc.gov.in ଥି ମିଳିପାରୁଛେ ।

ଜାତୀୟ ଜଳପଥ ସଂଯୋଗ ଆର୍‌ଏନ୍‌ୟୁ/ କଟକ୍

କୋଇଲା ନଗରୀ ତାଲ୍‌ଚେର୍ ସାଙ୍ଗେ ଧାମ୍‌ରା ଆର୍ ପାରାଦ୍ୱୀପ୍ ବନ୍ଦର୍‌କେ ଜଳପଥଥି ସଂଯୋଗ୍ କରାଯିବା ବଲି ବାଣିଜ୍ୟ ଆଉ ପରିବହନ ସଚିବ ଉଷାପାଢ଼ୀ କହିଛନ୍ । ଉତ୍କଲ୍ ଚେମ୍ବର୍ ଅଫ୍ କମର୍ସ ତର୍‌ଫୁ ହେଇଥିବା ଅନ୍ତର୍ଦେଶୀୟ ଜଳପଥଥି ସବୁଜ ଜ୍ଞାନ୍‌କୌଶଲ୍‌ର ବେଭାର୍ ବାବ୍‌ଦେ ୨ ଦିନିଆ କର୍ମଶାଳାଥି ଯୋଗ୍ ଦେଇକରି ଶ୍ରୀମତୀ ପାଢ଼ୀ ଇଟା କହିଛନ୍ । ୫ ନମ୍ବର୍ ଜାତୀୟ ଜଳପଥ ଅଧୀନ୍‌ଥି ଇ କାମ୍ ପ୍ରାରମ୍ଭିକ୍ ସ୍ତର୍‌ଥି ରହିଛେ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଇନ୍‌ଲେଣ୍ଡ୍ ୱାଟର୍ ଅଥରିଟି ଅଫ୍ ଇଣ୍ଡିଆ ଆର୍ ରାଜ୍ୟ ସର୍‌କାର୍ ମିଶିକରି ଇ କାମ୍ କରୁଛନ୍ ବଲି ସେ କହିଛନ୍ । ଇଥିର୍‌ଲାଗି ଜଳପଥଥି ଦକ୍ଷ ଉପାୟଥି ଏକକାଳୀନ ଅଏତ୍‌କା ଜିନିଷ୍ ପରିବହନ୍ ହେଇପାର୍‌ବା । ସୂଚ୍‌ନା ଅନ୍‌ସାରେ ବ୍ରାହ୍ମଣୀ ନଦୀଥି ଜାତୀୟ ଜଳପଥ ଲାଗି ଆଇଆଇଟି ମାଡ୍ରାସ୍ ମାଷ୍ଟର୍ ପ୍ଲାନ୍ ତିଆର୍ କରୁଛେ । ୫ ନମ୍ବର୍ ଜାତୀୟ ଜଳପଥ ପହେଲା ଖେପ୍ ତାଲ୍‌ଚେର୍‌ନୁ

ମଙ୍ଗଳଗଡ଼ି ଦେଇକରି ଧାମ୍ରା ଆଉ ଧାମ୍ରାନୁ ପାରାଦ୍ୱୀପ୍‌କେ ସଂଯୋଗ୍ କରାଯିବା । ପଛେ ଧାମ୍ରାନୁ ହଳଦିଆକେ ଜୁଡ଼ାଯିବା ।

ମୁଖ୍ୟମନ୍ତ୍ରୀ- ବିର୍ଲା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର୍ ମଙ୍ଗଲ୍‌ମ୍ ବିର୍ଲାଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ମୁମ୍ବାଇ ନ ହେଇଥିବା ନିବେଶକ ସମ୍ମିଳନୀଥି ଶ୍ରୀ ବିର୍ଲାଙ୍କର୍ ସାଙ୍ଗେ ଆଲୋଚନା ସଫଲ୍ ହେଇଛେ । ଓଡ଼ିଶାର୍ ଉନ୍ନତି ଆର୍ ବିକାଶ୍ କ୍ଷେତ୍ରଥି ଆଦିତ୍ୟ ବିର୍ଲା ଗ୍ରପ୍ ସହଯୋଗ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ ।

ସମୀକ୍ଷା ବୈଠକ୍ ହି.ସ.

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ବଲାଙ୍ଗିର୍ ଜିଲ୍ଲା କଂଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର୍ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଥିଲେ । ବୈଠକ୍‌ଥି ସେ ସ୍ୱାସ୍ଥ୍ୟକେନ୍ଦ୍ରର୍ ଭିନ୍

ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଥିଲେ । ସ୍ଥାନୀୟ ଅଂଚଲ୍‌ର ଲୋକ୍‌ମାନ୍‌କୁ ଭଲ୍ ଚିକିତ୍ସା ଦେବାର୍ ଆମର୍ ସର୍‌କାର୍‌ଙ୍କର୍ ପ୍ରାଥମିକତା ଆଏ ବଲି ସେ କହିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ନ ଖାଲିପଡ଼ିଥିବା ଡାକ୍ତରୀ ପଦ୍‌ବୀ, ପାରାମେଡ଼ିକାଲ୍ ଆର୍ ନର୍ସ ପଦ୍‌ବୀ ପୂରଣ୍ ସହେତେ ସ୍ୱାସ୍ଥ୍ୟକେନ୍ଦ୍ରର୍ ସୁରକ୍ଷା ଲାଗି ସର୍‌କାର୍ ଯତ୍ନବାନ୍ ଆନ୍ ବଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ଆୟୁସ୍ମାନ୍ ଭାରତ          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଇ ଆର୍ଥିକ୍ ବଛର୍ ଶେଷ୍‌ତକ୍ ଆୟୁସ୍ମାନ୍ ଭାରତ୍ ଲାଗୁ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସର୍‌କାର୍ ଆୟୁସ୍ମାନ୍ ଭାରତ୍ କାର୍ଯ୍ୟକାରୀ କର୍‌ବାର୍‌କେ କାମ୍ ମୁଲ୍ କରିଛନ୍ । ଇଥି ଲୁକେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାର୍‌ବେ । ସେ କହିଛନ୍ ଯେ, ଆୟୁସ୍ମାନ୍ ଭାରତ୍ ସାଙ୍ଗେ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ସମାନ୍ ଭାବେ ଚାଲୁ ରହେବା । ଦୁହି ଯୋଜ୍‌ନା ଲାଗି ଅଲ୍‌ଗା ଅଲ୍‌ଗା କାର୍ଡ଼ ନାଇଁ ହୁଏ ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ । ହିତାଧିକାରୀଙ୍କର୍ ପରିବାର୍‌ର ସବୁ ସଦସ୍ୟଙ୍କର୍ ଲାଗି ଗୁଟେ କାର୍ଡ଼ ମିଲ୍‌ବା । ଇଥି ପରିବାର୍‌ର ସଭେ ଚିକିତ୍ସା

ସୁବିଧା ପାଏବେ । ପହେଲା ଖେପେ ରାଜ୍ୟର୍ ୧ କୋଟି ପରିବାର୍ର ପାଖାପାଖି ୩ କୋଟି ୫୦ ଲାଖ୍ ଲୁକ୍କୁ ଆୟୁସ୍ମାନ୍ ଆର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍ନାଥି ସାମିଲ୍ କରାଯିବା । ଆୟୁସ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍ନାଥି ଏତ୍କେ ୭୦ ନୁ ଅଏତ୍କା ବୟସର୍ ଲୁକେ ଲାଭ ପାଏବେ । ଆୟୁସ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍ନାଥି ହିତାଧିକାରୀମାନେ ରାଜ୍ୟ ବାହାରେ ଭିଲ୍ ଚିକିତ୍ସା ସୁବିଧା ପାଇପାର୍ବେ ।

ଆନ୍ତର୍ଜାତୀୟ କନ୍ୟାସନ୍ତାନ୍ ଦିବସ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର୍ ନ ପ୍ରକଳ୍ପସ୍ତରୀୟ ଆନ୍ତର୍ଜାତୀୟ କନ୍ୟାସନ୍ତାନ୍ ଦିବସ୍ ପାଲିତ୍ ହେଇଯାଇଛେ । ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀ ମୀନା କୁମାରୀ ଅଗ୍ରୱାଲ୍ଙ୍କର୍ ନେତୃତ୍ୱଥି ଗୁଟେ ଶୋଭାଯାତ୍ରା ଖଡ଼ିଆଲ୍ ଆଜାଦ୍ ଚୌକ୍ ଠାନେ ସର୍କାରୀ ଉଚ୍ଚବିଦ୍ୟାଳୟତକ୍ ଯାଇଥିଲା । ଇତାର୍ଛଡ଼ା ଗୁଟେ ସଭାଥି ସିଆନ୍ ସୁଜନ୍ମାନେ ଯୋଗ୍ ଦେଇକରି ବେଟି ବଚାଓ ବେଟି ପଢ଼ାଓ ବିଷେ ବୁଝେଇଥିଲେ । ଇ ଅବ୍ସରେ ଛାତ୍ରୀମାନ୍କର୍

ଭିତ୍‌ରେ ହେଇଥିବା ପ୍ରତିଯୋଗିତାଥି କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

ପ୍ରସ୍ତୁତି ବୈଠକ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାର୍ ଭିନ୍ ଭିନ୍ ବିଭାଗ୍ ତର୍‌ଫୁ ନୂଆଁକରି ତିଆର୍ ହେଇଥିବା ଘର୍‌ମାନ୍ ନେବାର୍ ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧକ୍ଷତାଥି ହେଇଯାଇଛେ । ୨୩ ଟା ବିଭାଗ୍‌ର ଘର୍‌ମାନ୍‌କେ ହସ୍ତାନ୍ତର୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଶ୍ରୀ ସାହୁ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଇଥି ଆଲୋଚନା କରିକରି ସେଥିର୍‌ଲାଗି ଥିବା ଭିନ୍ ଭିନ୍ ସମସ୍ୟାର୍ ସମାଧାନ୍ କରାଯିବା ବଲି କହିଛନ୍ । ରାସ୍ତା ଆର୍ ଗୃହ ବିଭାଗ୍‌ର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ରାମ୍‌ଚନ୍ଦ୍ର ସେଠୀ, ଏସ୍.ପି. ଅନୀଲ୍ କୁମାର୍ ମିଶ୍ର, ଉପଜିଲ୍ଲାପାଲ୍ ପରିକ୍ଷିତ ସାହୁ, ଆର୍‌ଟିଓ କେଶବ ଚନ୍ଦ୍ର ନାଏକ୍, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ୍ କୁମାର୍ ପଣ୍ଡା ପ୍ରମୁଖଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କଇଁଫୁଲ ଯାତ୍ରା      ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍‌ର ପ୍ରସିଦ୍ଧ କଇଁଫୁଲ ଯାତ୍ରା ଆଏଜ୍ ହେଇଯାଇଛେ । କଇଁଫୁଲ ଠାକୁରାଣୀ ପୀଠ ନ ଦେବୀଙ୍କୁ ପ୍ରାଚୀନ ଧୁନ୍‌କେଲ୍ ବାଜା ଆର୍ ଗୀତ୍‌ଥି ଆବାହନ୍ କରାଯାଇକରି ଯାତ୍ରା ଜାଗାକେ ସାଂସ୍କୃତିକ୍ ଶୋଭାଯାତ୍ରାଥି ନିଆଯାଇଥିଲା । ସେନ କଇଁଫୁଲ୍‌ଥି ସଜାଯାଇଥିବା ଦୁଲିଥି ଝୁଲାଯାଇଥିଲା । ଇତାର୍‌ସହେତେ ହଜାର୍ ହଜାର୍ ଭକ୍ତ ଶୀତଳାଦେବୀଙ୍କର୍ ପୂଜା ସହେତେ ବରୁଆମାନ୍‌କର୍ କଇଁଫୁଲ ଦୁଲିଥି ନାଚ୍‌ବାର୍ ଦୃଶ୍ୟ ଦେଖିଛନ୍ ।

ଲାଠି ଯାତ୍ରା      କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା କୋକ୍‌ସରା ବ୍ଲକ୍‌ର ଆମ୍‌ପାଣି ଠାନେ ବୁଢ଼ାରଜା ଦେବଙ୍କର୍ ଦଶ୍‌ରା କାର୍ତିକ୍ ମାସର ପହେଲା ଶନିବାର୍ ଦିନ ପାଲିତ୍ ହେଇଯାଇଛେ । ସାରା ଜିଲ୍ଲା ନ ଦଶ୍‌ରା ମାସେ ଦେବୀପୀଠମାନ୍‌କେ ଦେବୀମାନ୍‌କର୍ ଦଶ୍‌ରା ପର୍ବ ପାଲିତ୍ ହେଉଥିବାର୍ ବେଲେ କାର୍ତିକ୍ ମାସେ ଇନ ଦଶ୍‌ରା ଉତ୍ସବ୍ ପାଲିତ୍ ହେସି । ଆଦିବାସୀ ପରମ୍ପରା ଅନ୍‌ସାରେ ଗୁଟେ ବିରାଟ୍ ଲାଠି ଯାତ୍ରା ପୂଝାରୀଙ୍କର୍ ଘରୁ ଶୋଭାଯାତ୍ରାଥି

ବାହାରିକରି ବୁଢ଼ାରଜା ମନ୍ଦିର୍‌କେ ପୁହୁଁଚିଥିଲା । ଶୋଭାଯାତ୍ରାଥି ଭିନ୍ ଭିନ୍ ଗାଁନୁ ଅନେକ୍ ଦେବାଦେବୀଙ୍କର୍ ଲାଠି ସହେତେ ଲୋକନୃତ୍ୟ, ଘଂଟଦଳ, ଶୋଭାଯାତ୍ରାଥି ସାମିଲ୍ ହେଇକରି ମନ୍ଦିର୍‌କେ ଯାଇଥିଲେ । ମନ୍ଦିର୍‌କେ ପୁହୁଁଚିବାର୍ ଉତ୍‌ରୁ ଲାଠିମାନ୍‌କୁ ସେନୁ ସ୍ୱାଗତ୍ କରାଯାଇଥିଲା ।

କେଭିଏସ୍ ଜାତୀୟ ପ୍ରତିଯୋଗିତା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଲୟର ୯ କ୍ଲାସ୍‌ର ଝନେ ଦକ୍ଷ ଆଥ୍‌ଲେଟ୍ ମୁକେଶ ମହାନନ୍ଦ କେଭିଏସ୍ ଜାତୀୟ ପ୍ରତିଯୋଗିତାଥି ୩ ଟା ସ୍ୱର୍ଣ୍ଣ ଆଉ ଗୁଟେ ରୌପ୍ୟ ପଦକ୍ ଜିତିଛନ୍ । ତାଙ୍କର୍ ଇ ସଫଳତା ଉତ୍‌ରୁ ତାଙ୍କୁ ରାଂଚି ନ ହେବାର୍‌କେ ଥିବା ସ୍କୁଲ୍ ଗେମ୍ସ ଫେଡ଼େରେସନ୍ ଅଫ୍ ଇଣ୍ଡିଆ ଟୁର୍ଣ୍ଣାମେଂଟ୍ ଲାଗି ବଛାଯାଇଛେ ।

ରଣ୍‌ଜୀ ଟ୍ରଫି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍‌ର ବାରବାଟୀ ଷ୍ଟାଡ଼ିୟମ୍ ନ ଓଡ଼ିଶା ଆର୍ ଜାମ୍ମୁ କାଶ୍ମୀର୍ ଭିତ୍‌ରେ ଚାଲିଥିବା ରଣଜୀ ଟ୍ରଫି ମେଚ୍‌ର ୨ ନମ୍ବର୍ ଦିନର୍

ଶେଷ୍‌ତକ୍ ଓଡ଼ିଶା ଦଲ୍ ୫ଟା ଓ୍ୱିକେଟ୍ ହରେଇକରି ଶହେ ୯୮ ରନ୍ କରିଛେ । ଓଡ଼ିଶା ଦଲ୍ ତର୍‌ଫୁ ଗୋବିନ୍ଦ ପୋଦ୍ଦାର୍ ସବୁନୁ ଜହ ୮୭ ରନ୍ କରିକରି ନଟ୍‌ଆଉଟନ୍ ଅଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଜାମ୍ମୁ କାଶ୍ମୀର୍ ଦଲ୍ ପହେଲା ବେଟିଂ କରିକରି ସବୁ ଓ୍ୱିକେଟ୍ ହରେଇକରି ୨ ଶହ ୭୦ ରନ୍ କରିଥିଲା ।

ସର୍‌କାରୀ ଶିଳ୍ପ ତାଲିମ୍ କେନ୍ଦ୍ର-ପ୍ରମାଣ୍‌ପତ୍ର ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍‌ର ବାଦୀ ଗ୍ରାମ୍‌ପଂଚାୟତ୍ ଠାନେ ଥିବା ସର୍‌କାରୀ ଶିଳ୍ପ ତାଲିମ୍ କେନ୍ଦ୍ର ନ ପାସ୍ କରିଥିବା ଛାତ୍ରଛାତ୍ରୀମାନ୍‌କୁ ପ୍ରମାଣ୍‌ପତ୍ର ଦେବାର୍ ଉତ୍ସବ୍ ହେଇଯାଇଛେ । ୧୨ ଝନ୍ ଛାତ୍ରଛାତ୍ରୀଙ୍କୁ ପ୍ରମାଣ୍‌ପତ୍ର ଦିଆଯାଇଛେ ।